ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ଆରମ୍ଭ ହେଲା ଆସିକା ଦଣ୍ଡନାଚ

**ଆସିକା,୧।୪(ଡି.ଏନ୍.ଏ.):** ବହୁ ପୁରାତନ ଆସିକା ଦଣ୍ଡନାଚ ଦଳ ପକ୍ଷରୁ ଗୁରୁବାରଠାରୁ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି । ଭୋରରୁ ସୁନାମ୍ଧ ସାହି ସଂଲଗ୍ନ ଦଣ୍ଡକାଳୀ ମନ୍ଦିରରେ ଦଣ୍ଡୁଆ ପାରମ୍ପରିକ ପୂଜାର୍ଚ୍ଚନା ଓ ବିଧିବଦ୍ଧ ପଇତା ଧାରଣ ପରେ ବଜାର ସାହିଠାରେ ପ୍ରଥମଦିନ ଧୂଳିଦଣ୍ଡ, ପାଣିଦଣ୍ଡ ଓ ରାତିରେ ଦଣ୍ଡ ଚରିତ୍ର ପ୍ରଦର୍ଶନ କରାଯାଇଥିଲା । କୋଭିଡ ନିୟମ ପ୍ରକାରେ ସ୍ୱଳ୍ପ ସଂଖ୍ୟକ ଦଣ୍ଡୁଆ ଓ ଦର୍ଶକଙ୍କ ଗହଣରେ ଏହି ଯାତ୍ରା ହୋଇଥିଲା ।

### ନିର୍ମାଣ ହୋଇଛି ଓଭରହେଡ୍ ଟାଙ୍କି, ମିଳୁନି ପାଣି

**ବୁଗୁଡ଼ା,୧।୪(ଡି.ଏନ୍.ଏ.):** ଗ୍ରାମାଞ୍ଚଳରେ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଲୋକଙ୍କୁ ବୁନ୍ଦାଏ ଜଳ ମିଳୁନି। ଏହାର ଉଦାହରଣ ଦେଖିବକୁ ମିଳିଛି ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତ ଚିରିକିପଡା ଗ୍ରାମରେ। ଏଠି ଓଭରହେଡ୍ ଟାଙ୍କି ନିର୍ମାଣ ହୋଇଛି। ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ସାଙ୍ଗକୁ ଘରୋଇ ସଂଯୋଗ ଦିଆଯାଇଥିଲେ ମଧ ମାସେ ହେଲା ପାନୀୟ ଜଳ ପାଇଁ ଚିରିକିପଡ଼ା, ସୀତାରାମପଲ୍ଲୀ ଓ ଡିମ୍ବିରିସାହି ଆଦି ଗ୍ରାମର ୪ଟି ୱାର୍ଡର ପ୍ରାୟ ଦୁଇ ହଜାର ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଙ୍କି ପ୍ରତିଷ୍ଠା ହେବା ଦିନଠୁଁ ମଝିରେ ମଝିରେ ଏମିତି ଦୀର୍ଘ ଦିନ ଯାଏ ପାଣି ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି। ବସୁଧା ଯୋଜନାରେ ସୀତାରାମପଲ୍ଲୀ ଠାରେ ୨୦୧୬ରେ ୭୫ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କି ନିର୍ମାଣ କରାଯାଇ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ହେଲେ ଚାରି ବର୍ଷ ମଧରେ ତିନି ଥର ଜଳ ଯୋଗାଣ ବାଧାପ୍ରାପ୍ତ ହେଲାଣି। ମାର୍ଚ୍ଚ ମାସ ଆରମ୍ଭରୁ ଟାଙ୍କିକୁ ପାଣି ଯୋଗାଣ ପାଇଁ ଖୋଳା ଯାଇଥିବା କୂଅରେ ପାଣି ନ ଥିବାରୁ ମାସେ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କୂଅରେ ପାଣି ନଥିବା କହି କେହି ଧାନ ଦେଉନଥିବା ଲୋକେ କହିଛନ୍ତି। ତେବେ ବୋର ଖୋଳିବା ପାଇଁ ସ୍ଥାନ ନିରୂପଣ ସରିଛି ଏବଂ ଦିନେ ଦୁଇ ଦିନ ମଧରେ କାମ ଆରମ୍ଭ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ଏ. ରାମା ରାଓ କହିଛନ୍ତି।

# ନାଟକ ବନ୍ଦ କରିବାକୁ ଯାଇ ଦୁଇ ଅଧିକାରୀ ହଟହଟା

**ଦୋଳଯାତ୍ରା ଉପଲକ୍ଷେ ରାମାୟଣ ନାଟକ ମଞ୍ଚସ୍ଥ**

ଦିଗପହଣ୍ଡି,୧।୪(ଡି.ଏନ.ଏ.)

ଦୋଳପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ପେଣ୍ଡୁରାବାଡି ଗାଁରେ ମଞ୍ଚସ୍ଥ ହେଉଥିବା ରାମାୟଣ ଥିଏଟର ବନ୍ଦ କରିବାକୁ ଯାଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ ଓ ଆଇଆଇସି ବସନ୍ତ କୁମାର ସେଠୀ ହଟହଟା ହୋଇଛନ୍ତି। ଗାଁର ବହୁସଂଖ୍ୟକ ମହିଳା ସଂଘବଦ୍ଧ ହୋଇ ସମ୍ପୃକ୍ତ ୨ ଅଧିକାରୀଙ୍କୁ ପ୍ରାୟ ଘଣ୍ଟାଏ କାଳ ନଜରବନ୍ଦୀ କରି ଅଟକ ରଖିବା ପରେ ମୁଖିଆମାନଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ୨ ଅଧିକାରୀଙ୍କୁ ଉଦ୍ଧାର କରାଯାଇଥିଲା। ଖବରରୁ ଜଣାପଡିଛି, କୈଠଖଣ୍ଡି ପଞ୍ଚାୟତ ପେଣ୍ଡୁରାବାଡିଗାଁରେ ଗତ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ ଟାରେ ରାମାୟଣ ଥିଏଟର ପରିବେଷଣ ପାଇଁ ପ୍ରସ୍ତୁତି ସରିଥିଲା। ନାଟକରେ ଅଭିନୟ କରିବା ନିମନ୍ତେ ସମସ୍ତ କଳାକାର ସଜ୍ଜିତ ହୋଇ ଉଦ୍‌ଘାଟନ ଅପେକ୍ଷାରେ ଥିଲେ। ଗାଁର ରାଧାକୃଷ୍ଣ ବିଜେ ମହାପ୍ରଭୁଙ୍କ ଦୋଳଯାତ୍ରା ଉତ୍ସବ ଉପଲକ୍ଷେ ଏହି ନାଟକ ପରିବେଷଣ ପାଇଁ ବହୁପୂର୍ବରୁ ଦିନଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନାଟକ ପରିବେଷଣ ପାଇଁ ମନ୍ଦିର ନିକଟ ରାସ୍ତା କଡ଼ରେ ମଞ୍ଚ ପଡ଼ିଥିଲା। ସନ୍ଧ୍ୟାରେ ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଫେରିଥିଲେ। କୋଭିଡ୍ ନୀତି ନିୟମ ଉଲ୍ଲଂଘନ କରି ଗ୍ରାମରେ ଥିଏଟର ପରିବେଷଣ ହେଉଥିବା ସମ୍ପର୍କରେ କୌଣସି ବ୍ୟକ୍ତିଙ୍କଠାରୁ ତହସିଲଦାର ଏବଂ ଆଇଆଇସିଙ୍କ ପାଖରେ ଖବର ପହଞ୍ଚିଥିଲା। ତହସିଲଦାର ଏବଂ ଆଇଆଇସି ରାତି ପ୍ରାୟ ସାଢ଼େ ୧୧ ଟାରେ ସଦଳବଳେ ଗାଁରେ ପହଞ୍ଚିଲା ବେଳକୁ ମୁଖ୍ୟରାସ୍ତାରେ ବାଉଁଶ ବାଡ଼ ବାନ୍ଧି କିଛି ବ୍ୟକ୍ତି ଗାଡି ମୋଟର ଛାଡୁ ନ ଥିଲେ। ବାଉଁଶ ବାଡ଼ ଭାଙ୍ଗି ପୋଲିସ ଟିମ୍ ଗାଁରେ ପ୍ରବେଶ କରିଥିଲେ। ନାଟକ ପରିବେଷଣ ପାଇଁ ସମସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା। ପୋଲିସ ଫୋର୍ସକୁ ଦେଖି ବେଶଭୂଷାରେ ସଜ୍ଜିତ ହୋଇଥିବା କଳାକାର ଗିରଫ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ତୁରନ୍ତ ନାଟକ ବନ୍ଦ ପାଇଁ ପୋଲିସ ଟିମ୍ ଆୟୋଜକମାନଙ୍କୁ ତାଗିଦ୍ କରୁଥିବା ବେଳେ ଗାଁର ବହୁ ସଂଖ୍ୟକ ମହିଳା ଏକତ୍ରିତ ହୋଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ଘେରାଉ କରିବା ସହ କରୋନା ନୀତି ନିୟମର ଅନୁପାଳନ ଅନ୍ୟାନ୍ୟ ଅଞ୍ଚଳରେ କିଭଳି ଭାବରେ କରାଯାଉଛି ସେ ସମ୍ପର୍କୀତ ବିଭିନ୍ନ ପ୍ରଶ୍ନ ଉପସ୍ଥାପିତ କରିଥିଲେ। ଉଭୟ ପୋଲିସ ଓ ପ୍ରଶାସନିକ ଅଧିକାରୀ ଦ୍ୱୟ ଉତ୍ତେଜିତ ଗ୍ରାମବାସୀଙ୍କ ପ୍ରଶ୍ନରେ ଚୁପ୍ ହୋଇ ବସି ରହିଥିଲେ। ପରେ ଉଭୟେ ସେଠାରୁ କୌଶଳକ୍ରମେ ଦିଗପହଣ୍ଡି ଫେରିଆସିଥିଲେ। ରାତି ପ୍ରାୟ ୧୨ ଟା ରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାମାୟଣ ନାଟକ ବୁଧବାର ଭୋର ଯାଏ ପରିବେଷଣ କରାଯାଇଥିଲା।

ଏ ସମ୍ପର୍କରେ ତହସିଲଦାର ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ସେ ରାତିରେ ପେଣ୍ଡୁରାବାଡୀ ଗ୍ରାମକୁ ଯାଇଥିଲୁ। ସେତେବେଳକୁ ନାଟକ ପରିବେଷଣ ଆରମ୍ଭ ହୋଇ ନ ଥିଲା। କରୋନା ଭୂତାଣୁ ପୁଣି ଥରେ ତାର କାୟା ବିସ୍ତାର କରୁଥିବାରୁ ନାଟକ ପରିବେଷଣ ବନ୍ଦ କରିବାପାଇଁ ଆୟୋଜକ ମାନଙ୍କୁ ଆମେ ଟିମ୍ ସଦସ୍ୟବୃନ୍ଦ ତାଗିଦ କରିଥିଲୁ। ତଥାପି ସେମାନେ ମାନି ନ ଥିଲେ। ଫଳରେ ଘଟଣା ସ୍ଥଳରେ ପୋଲିସ ମୁତୟନ କରି ଗାଁରୁ ସେ ଫେରି ଆସିଥିଲେ ବୋଲି ସେ କହିଛନ୍ତି। ସହିପରି ଆଇଆଇସି କହିଛନ୍ତି , ଏଭଳି ଖବର କେବଳ ମନଗଢ଼ା।


ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବୁଗୁଡା,୧।୪(ଡି.ଏନ.ଏ.)

ବୁଗୁଡା ବଳଦେବଜୀଉ ବସ୍‌ଷ୍ଟାଣ୍ଡଠାରେ ଗୁରୁବାର ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସମେତ ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା, ଆଇଆଇସି ଚିତ୍ତରଞ୍ଜନ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ, ବ୍ଲକ ଅଧକ୍ଷା ମାମି ସେନାପତି ଓ ଉପାଧକ୍ଷ ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ରେବତୀ ମୋହନ ନାୟକ ଓ ସଦସ୍ୟା ଭୁବନେଶ୍ୱରୀ ଖଟେଇ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢୀ, ଛାତ୍ର ବିଜେଡି ସମ୍ପାଦକ ସାହିଲ୍ ପ୍ରଧାନ ଉପସ୍ଥିତ ରହିଥିଲେ।

# ଭଞ୍ଜନଗର ଓଏଫଡିସି ଡିପୋରେ ନିଆଁ


ନିଆଁ ଲିଭାଉଛନ୍ତି ଦମକଳ କେନ୍ଦ୍ର କର୍ମଚାରୀ ।

ଭଞ୍ଜନଗର,୧।୪(ଡି.ଏନ.ଏ.)

**ଲକ୍ଷାଧିକ ଟଙ୍କାର କାଠ ଜଳିଗଲା**

ଭଞ୍ଜନଗର କଲେଜ ରୋଡ଼ରେ ଥିବା ଓଡ଼ିଶା ବନ ଉନ୍ନୟନ ନିଗମର କାଠ ଡିପୋରେ ଗୁରୁବାର ନିଆଁ ଲାଗିଛି। ଏଥିରେ ଲକ୍ଷାଧିକ ଟଙ୍କାର କାଠ ଜଳିଯାଇଛି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ନିଆଁକୁ ଆୟତ୍ତ କରାଯାଇଛି। ୩୦ ଦିନ ମଧରେ ଦ୍ୱିତୀୟ ଥର ପାଇଁ ଡିପୋରେ ନିଆଁ ଲାଗିଛି। ଗତ ମାର୍ଚ୍ଚ ୨ରେ ଡିପୋରେ ନିଆଁ ଲାଗିଥିଲେ ମଧ ବଡ଼ଧରଣର କ୍ଷତି ହୋଇ ନ ଥିଲା। ଗୁରୁବାର ସକାଳ ପ୍ରାୟ ୮ଟାରେ ଜଳଭଣ୍ଡାର ଆଡୁ ନିଆଁ ଆସି ଡିପୋରେ ଲାଗିଥିଲା। ପ୍ରାୟ ଘଣ୍ଟାଏ ବିଳମ୍ବରେ କର୍ମଚାରୀମାନେ ଏହା ଜାଣିବା ପରେ ତୁରନ୍ତ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ । ଦମକଳ କେନ୍ଦ୍ର ଅଧିକାରୀ ଜେ.ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ବହୁ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ । ଡିପୋରେ ୧୦ରୁ ଉର୍ଦ୍ଧ୍ୱ କାଠ ଗଦା ପୋଡ଼ିଯାଇଛି। ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିବା ଓଏଫ୍‌ଡିସିର ଜଣେ କର୍ମଚାରୀ କହିଛନ୍ତି, ଫାୟାର ଲାଇନ୍ କଟାଯାଇଥିଲା। ନିଆଁ ଉଡ଼ି ଆସିବା ଯୋଗୁ ଏହାକୁ ନିୟନ୍ତ୍ରଣ କରିବାରେ ଅସୁବିଧା ହେଲା। ବିଭିନ୍ନ କାରଣ ଯୋଗୁ କାଠ ନିଲାମ ହୋଇପାରିନଥିଲା। ତାହାକୁ ଜାଳେଣି କାଠ ଭାବେ ବିକ୍ରି କରିବା ଯୋଜନା ଥିଲା। ଉକ୍ତ କାଠ ସବୁ ପୋଡିଯାଇଛି। ତେବେ ଡିପୋରେ ଥିବା ମୂଲ୍ୟବାନ କାଠ ଅଲଗା ଥିବାରୁ ତାହା ସୁରକ୍ଷିତ ଅଛି। ସୂଚନାଯୋଗ୍ୟ, ଭଞ୍ଜନଗର ଅଞ୍ଚଳରେ ଗୁରୁବାର ତାପମାତ୍ରା ୪୨ ଡ଼ିଗ୍ରୀ ଥିଲା। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ।

# ବୁଗୁଡ଼ା ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ବୁଗୁଡ଼ା,୧।୪(ଡି.ଏନ.ଏ.)

ବୁଗୁଡ଼ା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଓକିଲ କାହ୍ନୁ ବୈକୁଣ୍ଠ ବିହାରୀ ନବନିର୍ବାଚିତ ସଭାପତି ହର ପ୍ରସାଦ ଦାଶ, ଉପସଭାପତି ପ୍ରକାଶ ଚନ୍ଦ୍ର ଆରୁଖ, ସମ୍ପାଦକ ସୁଶାନ୍ତ ଡାକୁଆ, ସହସମ୍ପାଦକ ସୀମାଞ୍ଚଳ ନନ୍ଦ, କୋଷାଧକ୍ଷ ମାନସ ରଞ୍ଜନ ଦାଶ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋଜ କୁମାର ପାଣିଗ୍ରାହୀ, ଅନିଲ ପଟ୍ଟନାୟକ ଓ ନଟବର ଜେନା ପ୍ରମୁଖଙ୍କୁ ଶପଥପାଠ କରାଇଥିଲେ। ଶେଷରେ ସହ ନିର୍ବାଚନ ଅଧିକାରୀ ଟି.ସୁଦର୍ଶନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଓକିଲ ଉପସ୍ଥିତ ଥିଲେ।

# ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଅଧକ୍ଷ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ।

ଖଲ୍ଲିକୋଟ,୧।୪(ଡି.ଏନ.ଏ.)

ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ଅଧକ୍ଷ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ପୌରୋହିତ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଜଣେ ଛାତ୍ରବତ୍ସଳ, ଅଧାପକ ଭାବେ ବିଦ୍ୟାର୍ଥୀ ମହଲରେ ପ୍ରଶଂସିତ ହୋଇଥିଲେ। ବିଦ୍ୟାଦାନ ସହ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦି ଯାହାକି ସଫଳ ଜାତୀୟ ସେବା ଯୋଜନା ଅଧିକାରୀ, ନାଟ୍ୟ ସଂସଦ ଉପଦେଷ୍ଟା, ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରଶିକ୍ଷଣ ସଂଯୋଜକ ଆଦି ବହୁବିଧ କାର୍ଯ୍ୟ ସମ୍ପାଦନ କରିଥିଲେ। ସମ୍ବର୍ଦ୍ଧନାରେ ଉପଢ଼ୌକନ ଓ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସବୁଠି ବରପୁତ୍ରଙ୍କ ସ୍ମୃତିଚାରଣ

ଭଞ୍ଜନଗର,୧।୪(ଡି.ଏନ.ଏ)

ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼.ନୀଳାଞ୍ଚଳ ମୁନି ମୁଖ୍ୟବକ୍ତା ଓ ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

**ଆସିକା:** ଆସିକା ବ୍ଲକ ଜୟପୁର ଗ୍ରାମଠାରେ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଏବଂ ଜୟପୁର ପଞ୍ଚାୟତର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ସୁଖେନ୍ଦୁ କୁମାର ଦାସ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ମୁଖ୍ୟବକ୍ତା ଭାବେ ଜୟନ୍ତୀ ପଢିଆରୀ ଯୋଗଦେଇଥିଲେ। ଆଲୋଚକ ଭାବେ ଡ. ପ୍ରଦୀପ ଚନ୍ଦ୍ର ସିଂ, ଶରତ ଚନ୍ଦ୍ର ପଣ୍ଡା, ଡ. ବିମଳ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ ।

**ହିଞ୍ଜିଳିକାଟୁ:** ଓଡ଼ିଶା ଭାଷା ସାହିତ୍ୟ ସମିତି ପକ୍ଷରୁ ହିଞ୍ଜିଳିକାଟୁ ଆରଏମସି ପରିସରରେ ଆୟୋଜି ତ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ହରିହର ସାହୁ , କବି ଶତ୍ରୁଘ୍ନ ମହାରଣା ଯୋଗଦେଇଥିଲେ। ସମିତିର ସଭାପତି ଆକାଶ ପଟ୍ଟନାୟକ ଅଧକ୍ଷତା କରିଥିଲେ।

**କାଶୀନଗର:** ବଂଶଧାରା ପାଠାଗାର ଓ ସେବା ପ୍ରତିଷ୍ଠାନ ତରଫରୁ ହୃଷୀକେଶ ଗୌଡ଼ଙ୍କ ଅଧକ୍ଷତା ଓ ସେବା ପ୍ରତିଷ୍ଠାନର ସମ୍ପାଦକଙ୍କ ପରିଚାଳନାରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ବିଡ଼ିଓ ସୀମାଞ୍ଚଳ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡାକ୍ତର ଶୁଭେନ୍ଦୁ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣ ରାଉତ, ବ୍ଲକ ଶିକ୍ଷାଧିକାରୀ ହୃଷୀକେଶ ବିଶ୍ୱାଳ, କବି ପ୍ରଶାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପରିଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରି ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବୀର ଚକରା ବିଷୋୟୀ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅତିରିକ୍ତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ହୋଇଥିଲା। ବରିଷ୍ଠ ଖବରଦାତା ଶିଶିର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଡିଓ ତଥା ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳ ବିଜୟ ପ୍ରଧାନ ମୁଖ୍ୟଅତିଥି ଓ କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପକ ଡ଼.ନଳିନୀ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତିଚାରଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉପସ୍ଥିତ ଅତିଥିବୃନ୍ଦ।

ଖଲ୍ଲିକୋଟ,୧।୪(ଡି.ଏନ.ଏ.)

ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ଶ୍ୟାମ ସୁନ୍ଦରପୁର ଗ୍ରାମରେ ମା' ବ୍ରାହ୍ମଣୀଦେବୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଖଲ୍ଲିକୋଟ ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ଆଇନଜୀବୀ ମନୋଜ କୁମାର ସାହୁ, ଆମ ପୋଲିସ ସଭ୍ୟ ବ୍ରଜ କିଶୋର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୪ ଦଳ ଭାଗ ନେଇଛନ୍ତି। ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଖପାଖ ଅଞ୍ଚଳର ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦରପୁର ଗ୍ରାମର ଶଙ୍କର ନାହାକ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଛତ୍ରପୁର ବ୍ଲକର ନୂଆ କୋଠା ଉଦ୍‌ଘାଟିତ

ଛତ୍ରପୁର,୧।୪(ଡି.ଏନ୍.ଏ.)

ଛତ୍ରପୁର ବ୍ଲକର ମୁଖ୍ୟ ଫାଟକ ଓ ନୂଆ କାର୍ଯ୍ୟାଳୟ କୋଠା ଗୁରୁବାର ଉଦଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବିଡ଼ିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ, ବ୍ଲକ ଉପାଧକ୍ଷା ଅମିତା ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତ ରହିଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ।

# ୧୫ ସମ୍ବର୍ଦ୍ଧିତ, ପୁସ୍ତକ ଉନ୍ମୋଚିତ

**ଓଡିଶା ଦିବସ ପାଳିତ**

ରମ୍ଭା,୧।୪

ରମ୍ଭା ସହର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନରେ ସାହିତ୍ୟ ଘର ରମ୍ଭା ତରଫରୁ ଉତ୍କଳ ଦିବସ ମହା ସମାରୋହରେ କରୋନା କଟକଣା ମଧରେ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ୧୪ ଜଣ ବରପୁତ୍ର ମାନଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇଥିଲା। ସମାଜିକର୍ମୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷି ବିପଣନ ବୋର୍ଡ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ର ମାନଙ୍କର ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ରଚିତ ମୋ ଅକୁହା କାହାଣୀ ପୁସ୍ତକ ଲୋକାର୍ପଣ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନ ବିଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ଶିକ୍ଷକ ଡ଼.ଦ୍ୱାରିକା ନାଥ ମହାରଣା, ରମ୍ଭା ସାହିତ୍ୟ ଘର ଉପଦେଷ୍ଟା ସାର୍ଥକ କୁମାର ନାୟକ, ଅଧାପିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି କବିତା ଗୁଡିକ ସଂଯୋଜନା କରିଥିଲେ। ଏହି କବିତା ପାଠୋତ୍ସବରେ ୮୦ ରୁ ଉର୍ଦ୍ଧ କବୟିତ୍ରୀ କବି ସେମାନଙ୍କର ସ୍ୱ ରଚିତ ଜାତୀୟ ଚିନ୍ତା ଚେତନା ଧର୍ମୀ କବିତା ପଠନ କରିଥିଲେ। ଅତିଥି ମାନଙ୍କର ଦ୍ୱାରା ଅଞ୍ଚଳର ସମାଜିକର୍ମୀ ଓ ଖବରଦାତାମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଆରମ୍ଭରେ ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋକୁଳ ଚନ୍ଦ୍ର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ପ୍ଲାଜ୍‌ମା ଦେଇଥିବା କୋଭିଡ୍ ଯୋଦ୍ଧା ସମ୍ମାନିତ

**ପୋଲିସ ପ୍ରତିଷ୍ଠା ଦିବସ**

ଛତ୍ରପୁର,୧।୪(ଡି.ଏନ.ଏ.)

ଛତ୍ରପୁର ପୋଲିସ ପଡିଆରେ ଗୁରୁବାର ଗଞ୍ଜାମ ପୋଲିସ ଜିଲ୍ଲାସ୍ତରୀୟ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା ପାଠ କରିଥିଲେ। ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ପୋଲିସର କ'ଣ ସବୁ କର୍ତ୍ତବ୍ୟ ରହିଛି ତାହା ପାଠ କରିଥିଲେ । କରୋନା ମହାମାରୀ ସମୟରେ କାର୍ଯ୍ୟରେ ନିୟୋଜିତ ଥିବା ବହୁ ପୋଲିସ ସଂକ୍ରମିତ ହୋଇଥିଲେ। କେତେଜଣ ପୋଲିସ କର୍ମଚାରୀଙ୍କ ମଧ କରୋନାରେ ମୃତ୍ୟୁ ଘଟିଛି। କରୋନାରୁ ସୁସ୍ଥ ହୋଇ ପ୍ଲାଜମା ଦାନ କରିଥିବା ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, କନଷ୍ଟେବଳ ଅମିତ କୁମାର ବିଶ୍ୱାଳ, ରାମଚନ୍ଦ୍ର ସାହୁ, ସନାତନ ମଲ୍ଲିକ, ସିଏସଏସଆଇ କୁମୁଦ ସେଠୀଙ୍କୁ ଏହି ଅବସରରେ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଉତ୍ତମ କାର୍ଯ୍ୟ କରିଥିବା ତାରସିଂ ଥାନା ଏସଆଇ ସବ୍ୟସାଚୀ ମଲ, ବୁଗୁଡା ଏଏସଆଇ ଅମିୟ କାନ୍ତ ପାଢୀ, ହାବିଲଦାର ଅଜିତ କୁମାର ପାତ୍ର, କନଷ୍ଟେବଳ ସୋମନାଥ ବେହେରା ଓ ବିପଦ ପରିଚ୍ଛାଙ୍କୁ ମଧ ସମ୍ମାନିତ କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି ଓ ସର୍ଜେଣ୍ଟ ସଞ୍ଜୟ କୁମାର ବାରିକଙ୍କ ତତ୍ତ୍ୱବଧାନରେ ପ୍ୟାରେଡ ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର, ବିଜୟ ମଲ୍ଲିକ ଓ ଅଶୋକ ମହାନ୍ତି, ଡିଏସପି ଅଜୟ କୁମାର ମିଶ୍ର ଓ ସାମୁଏଲ ପ୍ରଧାନ, କନଷ୍ଟେବଳ ଓ ହାବିଲଦାର ସଂଘ ସଭାପତି ଗୋରାଚାନ୍ଦ ତ୍ରିପାଠୀ, ସଂପାଦକ ବ୍ରଜ ମୋହନ ଜେନା, ଉପସଭାପତି ସୁଦର୍ଶନ ଜେନା, କୋଷାଧକ୍ଷ ହାଡୁବନ୍ଧୁ ବେହେରା, ଏ.ରାବଣା ରାଓ, ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧିକାରୀ ସମିଷ୍ଠା ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।


ଜଣେ କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ପୋଲିସ ପ୍ରତିଷ୍ଠା ଦିବସରେ ଏସ୍ଆଇ ପୁରସ୍କୃତ



ନୂଆଗଡ଼,୧୪: ଗଜପତି ଜିଲା ସଦରମହକୁମାଠାରେ ୮୬ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲାର ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ଖଜୁରୀପଦା ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ପୁରସ୍କୃତ କରିଥିଲେ। ତାଙ୍କର ଏହି କର୍ତ୍ତବ୍ୟନିଷ୍ଠା, ନିଷ୍ଠାପରତା ଓ କାର୍ଯ୍ୟ ଦକ୍ଷତା ନିମନ୍ତେ ୨୦୨୧ ମସିହା ପାଇଁ ଗଜପତି ଜିଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ପୁରସ୍କାର ପାଇଛନ୍ତି।

### ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି କିଡ୍‌ନୀ ଆକ୍ରାନ୍ତ



କବିସୂର୍ଯ୍ୟନଗର,୧୪: କବିସୂର୍ଯ୍ୟନଗର ପାଇକଯମୁନା ପଞ୍ଚାୟତ ସୁବଲୟା ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ଏକମାତ୍ର ପୁଅ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ନାମ ରୁଦ୍ର(୧୦)। ଦେଢ଼ ମାସ ତଳେ ହଠାତ ରକ୍ତବାନ୍ତି ହେବାରୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ଏମ୍‌କେସିଜିରେ ଅଧିକ ଚିକିତ୍ସା ଲାଗି ଭର୍ତ୍ତି କରିବାରୁ ଡାକ୍ତର ଦୁଇଟି କିଡ୍‌ନୀ କାମକରୁ ନ ଥିବା ଦର୍ଶାଇଥିଲେ। ଭୁବନେଶ୍ୱର ଏମସ୍ ପଠାଇବା ପରେ ସେଠାରେ ପ୍ରତିଦିନ ଡାଏଲିସିସ କରିବା ସହ ଚିକିତ୍ସା ଚାଲିଛି। ବାପା ରଞ୍ଜନ ଜଣେ ଭାଗଚାଷୀ। ନିଜର ଏକ ଏକର ଜମିରେ ଚାଷ କରିବା ସହ ଅନ୍ୟର ଜମି ଚାଷ କରି ଗୁଜରାଣ ମେଣ୍ଟାଇଥାନ୍ତି। ବଡ ଦୁଇଝିଅ ଥିବା ବେଳେ ସାନ ପୁଅ ରୁଦ୍ର। ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ଆବେଦନ କରିଛନ୍ତି ରଞ୍ଜନ । ବିଭିନ୍ନ ବେସରକାରୀ ମେଡିକାଲ ଚିକିତ୍ସା କରି ସର୍ବସ୍ୱାନ୍ତ ହେବାପରେ ସରକାରୀ ସହାୟତା ଲାଗି ନିବେଦନ କରିଛନ୍ତି।

### କିରୋସିନ ଢାଳି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଭଞ୍ଜନଗର,୧୪(ଡି.ଏନ୍.ଏ.): ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ତୁଳସିପଲୀ ଗ୍ରାମରେ ପାରିବାରିକ ଅଶାନ୍ତିରୁ ସ୍ତ୍ରୀଙ୍କୁ କିରୋସିନ ଢାଳି ପୋଡି ମାରିବା ଅଭିଯୋଗରେ ସ୍ୱାମୀ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ତୁଳସିପଲୀ ଗ୍ରାମର ଦୁଃଖୀଶ୍ୟାମ ପ୍ରଧାନ। ୫ ବର୍ଷ ତଳେ ଦୁଃଖୀଶ୍ୟାମ ଥୋଲନ ଗ୍ରାମର ଝିଲି ପ୍ରଧାନଙ୍କୁ ବିବାହ କରିଥିଲେ। କିଛିବର୍ଷ ଦମ୍ପତି ଖୁସିରେ ଚଳିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ମଧ ଅଛି। ତେବେ କୌଣସି ଏକ ପାରିବାରିକ ସମସ୍ୟାକୁ ନେଇ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗୁଥିଲା। ବୁଧବାର ରାତିରେ ଦୁଃଖୀଶ୍ୟାମ ଉତ୍ୟକ୍ତ ହେଇ ଝିଲିଙ୍କ ଉପରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରିବାରର ଅନ୍ୟମାନେ ଝିଲଙ୍କୁ ଗୁରୁତର ଅବସ୍ଥାରେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ତାରସିଂ ପୋଲିସ ଖବରପାଇ ଜଗନ୍ନାଥପ୍ରସାଦ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏ ନେଇ ନଂ.୭୧/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀ ଦୁଃଖୀଶ୍ୟାମଙ୍କୁ ପୋଲିସ ଗିରଫ କରିଛି।

### ରସାୟନ ବିଜ୍ଞାନ ପାଠଚକ୍ର

ହିଞ୍ଜିଳିକାଟୁ,୧୪(ଡି.ଏନ୍.ଏ.): ହିଞ୍ଜିଳିକାଟୁ କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସବିତା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ପାଠଚକ୍ରରେ କଲେଜ ଅଧକ୍ଷା ଡ. ସ୍ୱସ୍ତିକା ପାଢୀ ସଭାପତିତ୍ୱ କରିଥିଲେ । ଦୀପକ କୁମାର ଗଉଡ଼, ରାଜେଶ ପାତ୍ର, ବି. ଶିରିସା, ରୁଦ୍ରପ୍ରସାଦ ପଣ୍ଡା, ଶୁଭ୍ରାଣୀ ମିଶ୍ର ଓ ରୋଜିତା ସାହୁ ନିଜ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଡ. ସରୋଜ କୁମାର ଦାଶ , ବିଜୟଲକ୍ଷ୍ମୀ ମହାରଣା, ବିଜୟ କୁମାର ଗଉଡ଼, କୁମୁଦୁନି ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ ।

# 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବ୍ରହ୍ମପୁର ଅଫିସ୍,୧୪

ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୁଲ୍ୟରେ ଗୁରୁବାର ସଂସ୍କୃତି ଭବନ ପରିସରରେ ୮୬ତମ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଇସ୍ପାତ ଓ ଖଣି, ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମଲ୍ଲିକ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମ ଜିଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଖଲ୍ଲିକୋଟର ତତ୍କାଳୀନ ରାଜା ହରିହର ମର୍ଦ୍ଦରାଜଙ୍କ ଭଳି ଗଞ୍ଜାମ ମାଟିର ବହୁ ବରପୁତ୍ରଙ୍କ ଅବଦାନ ସ୍ମରଣୀୟ। ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ସମଗ୍ର ଦେଶରେ ଓଡ଼ିଶା ଯେଭଳି ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ସେ ନେଇ ସଭିଏ ସସଂକଳ୍ପବଦ୍ଧ ହେବାକୁ ପଡିବ। ସେ ଆହୁରି କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାର ବିକାଶ ଓ ଉନ୍ନତି ନେଇ ସମସ୍ତ ପ୍ରୟାସ ଜାରି ରହିଛି। ଦେଶ ବାହାରେ ରହୁଥିବା ଓଡ଼ିଆମାନଙ୍କ ଦ୍ୱାରା କିଭଳି ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହେବ




ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମଲ୍ଲିକ ଓ ଅନ୍ୟମାନେ।

**ଓଡ଼ିଶା ଦିବସ ସମାରୋହ**

ସେ ନେଇ ଯୋଜନା କରାଯାଇଛି। ଓଡ଼ିଶାରେ ପର୍ଯ୍ୟଟନଠାରୁ ଆରମ୍ଭ କରି ଶିଳ୍ପ, କୃଷି ଓ ଶିକ୍ଷାର ଉନ୍ନତିକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ଏଥିସହ କୋଭିଡ୍ ମହାମାରୀ ସମୟରେ ଗଞ୍ଜାମବାସୀ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆଜି ଗଞ୍ଜାମ ଜିଲା ସମଗ୍ର ରାଜ୍ୟରେ ଆଦର୍ଶ ପାଲଟିଛି। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ଜିଲା ପରିଷଦ ଅଧକ୍ଷା ସୋନମ୍ ପଲାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବପୁଆ ରେଡ୍‌କ୍ରସ୍ ଦୃଷ୍ଟିହୀନ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଏମ୍.ବିଦ୍ୟୁତ ପ୍ରଭା ବ୍ରେଲି ଅକ୍ଷର ଦ୍ୱାରା ଲିଖିତ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମହାନଗର ନିଗମ, ଉତ୍କଳ ପରିଷଦ ଓ ଉତ୍କଳ ସମ୍ମିଳନୀ ସହଯୋଗ କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଅଳକାପୁରୀରେ ଜନୈକା ମହିଳାଙ୍କର ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଅନୁପମା ବେହେରା (୩୦) ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଫାଣ୍ଡି ପୋଲିସ ନମ୍ବର ୧୬୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେପଟେ ମୃତକଙ୍କ ବାପା ପୀତବାସ ବେହେରା ଝିଅକୁ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ଭଞ୍ଜନଗର ତନରଡ଼ା ଗ୍ରାମର ପୀତବାସଙ୍କ ଝିଅ ଅନୁପମାଙ୍କୁ ଗତ ୧୦ବର୍ଷ ତଳେ ପୁରୁଷୋତ୍ତମପୁର ବ୍ଲକ ନନ୍ଦିକସାହିର ସନ୍ତୋଷ ବେହେରା ବିବାହ କରିଥିଲେ। ତାଙ୍କର ଜଣେ ପୁଅ ଅଛି। ଅନୁପମା ପୁରୁଷୋତ୍ତମପୁର ବ୍ଲକରେ ଭିଲେଜ୍ ଲେବଲ ୱାର୍କର (ଭିଏଲଡବ୍ଲ୍ୟୁ) ଭାବେ କାମ କରନ୍ତି। ଅନୁପମା ଓ ତାଙ୍କ ସ୍ୱାମୀ ଅଳକାପୁରୀରେ ଏକ ଘର ଭଡା ନେଇ ରହୁଥିଲେ। ଗୁରୁବାର ସକାଳେ ଅନୁପମା ହଠାତ୍ ଗୁରୁତର ହେବାରୁ ତାଙ୍କୁ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ବାପା ପୀତବାସ ବ୍ରହ୍ମପୁରରେ ପହଞ୍ଚି ଝିଅକୁ ହତ୍ୟା କରିଥିବା ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ବିଜୟୀ ଟିମ୍।

ବ୍ରହ୍ମପୁର ଅଫିସ,୧୪

କାରଗିଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ କାର୍‌ଗିଲ ଖେଳ ପଡ଼ିଆଠାରେ ଚାଲିଥିବା ୧୦ ଦିନିଆ ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ କର୍ପୋରେଟର ଅନିଲ ନାୟକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ମ୍ୟାଚ ଗୁମ୍ମା ଓ ମୋହନା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋହନା ୩-୦ ବ୍ୟବଧାନରେ ଗୁମ୍ମା ଦଳକୁ ପରାସ୍ତ କରିଥିଲା। ମ୍ୟାଚର ଚାମ୍ପିୟନ ଦଳକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚରେ ଅଜିତ କୁମାର ମଲିକ ରେଫରି ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଆୟୋଜକ ଚିନ୍ତାମଣି ନାୟକ, ସଭାପତି ପ୍ରମୋଦ କୁମାର ପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯତ୍ନବାନ ହୁଅ: ଡିଆଇଜି



ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ଡିଆଇଜି ।

- ୮୬ତମ ପୋଲିସ ପ୍ରତିଷ୍ଠା ଦିବସ
- ୩୧ ପୋଲିସ ସମ୍ମାନିତ

ବ୍ରହ୍ମପୁର ଅଫିସ,୧୪

ବ୍ରହ୍ମପୁରରେ ଯେଉଁ ଉଦ୍ଦେଶ୍ୟ ନେଇ ପୋଲିସ ଜିଲା ପ୍ରତିଷ୍ଠା କରାଯାଇଥିଲା ତାହା ପୂରଣ କରିବା ପାଇଁ ମିଳିତ ଉଦ୍ୟମ ଦରକାର। ଅପରାଧ ନିୟନ୍ତ୍ରଣ କରି ଅପରାଧୀଙ୍କୁ ଦୃଢ଼ ହସ୍ତରେ ଦମନ କରିବା ଦିଗରେ ପୋଲିସର ଭୂମିକା ପ୍ରଶଂସନୀୟ। ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯତ୍ନବାନ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି। ଗୁରୁବାର ଆମ୍ବପୁଆସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ୮୬ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଆଇଜି ଭୋଇ ପତାକା ଉତ୍ତୋଳନ ସହିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ପୋଲିସ, ଟ୍ରାଫିକ୍ ପୋଲିସ, ବ୍ୟାଣ୍ଡ ଟ୍ରୁପ୍, ରିଜର୍ଭ ପୋଲିସ ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର୍ ଦିଲୀପ କୁମାର ବେହେରା ପରେଡ୍ ପରିଚାଳନା କରିଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏହି ଅବସରରେ ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି, ଟାଉନ ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ, ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ, ୯ ଏସ୍‌ଆଇ, ଜଣେ ଏଏସ୍‌ଆଇ, ୧୭ କନ୍‌ଷ୍ଟେବଲ ଓ ଜଣେ ହୋମଗାର୍ଡ ଏପରି ମୋଟ ୩୧ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ପ୍ରଭାତ ରାଉତରାୟ, ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଥାନା ଆଇଆଇସିମାନେ ଉପସ୍ଥିତ ଥିଲେ।

### ହୁମା ପଞ୍ଚୁଦୋଳ ଯାତ୍ରା ଆରମ୍ଭ

ଗଞ୍ଜାମ,୧୪(ଡି.ଏନ.ଏ.)

କରୋନା କଟକଣା ମଧ୍ୟରେ ଆରମ୍ଭ ହୋଇଛି ହୁମା ପଞ୍ଚୁଦୋଳ ଯାତ୍ରା। ଗୁରୁବାର ସାହି ଯାତ୍ରା ଅନୁଷ୍ଠିତ ହୋଇଥିଲା। କୋଭିଡ ସଂକ୍ରମଣ ଆଶଙ୍କା ଥିବାରୁ ଚଳିତ ବର୍ଷ ବିନା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡିଜେରେ ସାହି ଯାତ୍ରା ହୋଇଥିଲା। ପୂର୍ବ ପରମ୍ପରା ଅନୁଯାୟୀ ଯଥା ରୀତିନୀତି ଅନୁସାରେ ଠାକୁର ଦ୍ୱାର ଭୋଗ ଖାଇସାରିବା ପରେ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ହୋଇଥିଲା। କଣ୍ଟିଆଗଡ଼, ଖଗୁଆକୁଦା, ଲୁଂଘୁରି, ଝଡ଼କୁଦା, କଳାଯମୁନା, ବେଲପଡା, ହୁମା ଓ ଗଡହୁମା ଆଦି ଗ୍ରାମରେ ସାହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଠାକୁର ବିଶ୍ରାମ ନେବା ପରେ ସମସ୍ତ ଗ୍ରାମର ଠାକୁର ସୁସଜ୍ଜିତ ଦୋଳ ବିମାନରେ ହୁମା ଯିବା ପରେ ମେଳନ ଅନୁଷ୍ଠିତ ହେବ। ଏଥିପାଇଁ ହୁମା ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରଯାଇଛି।

### ପ୍ଲାଜ୍‌ମା ଦାନରେ ଭଞ୍ଜନଗର ଦ୍ୱିତୀୟ

ଭଞ୍ଜନଗର,୧୪(ଡି.ଏନ.ଏ)

ଭଞ୍ଜନଗର ନିକଟସ୍ଥ ତନରଡ଼ା ସ୍ଥିତ ୮ମ ଇଣ୍ଡିଆନ ରିଜର୍ଭ ବାଟାଲିୟନରେ ଗୁରୁବାର ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅନୁଷ୍ଠିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ ପୋଲିସ କର୍ମଚାରୀମାନେ ନିଜକୁ ଜଣେ ସାଧାରଣ ଜନତା ବୋଲି ଭାବିଲେ ଲୋକଙ୍କୁ ଉଚିତ ନ୍ୟାୟ ମିଳିପାରିବ। କରୋନା ପୁଣି ଫେରିଛି । ପ୍ଲାଜମା ଦାନରେ ଭଞ୍ଜନଗର ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ଅଛି । ଗତବର୍ଷ ପୋଲିସ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅନେକ ଲୋକ ସ୍ୱେଚ୍ଛାକୃତଭାବେ ପ୍ଲାଜମା ଦାନ କରିଥିଲେ । ଫଳରେ ଅନେକ ଲୋକଙ୍କ ଜୀବନକୁ ରକ୍ଷା କରାଯାଇପାରିଥିଲା ବୋଲି ମିଶ୍ର କହିଥିଲେ । ବିଭିନ୍ନ ଉଲ୍ଲେଖନୀୟ ସେବାପାଇଁ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଡେପୁଟି କମାଣ୍ଡାଣ୍ଟ ଉମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ବ୍ୟାଡ୍‌ମିଣ୍ଟନ କୋର୍ଟର ଭିତ୍ତିପ୍ରସ୍ତର ସ୍ଥାପନ



କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧୪

ଗୋଷାଣୀନୂଆଗାଁସ୍ଥିତ କେ.ସି. ହାଇସ୍କୁଲ ଖେଳପଡ଼ିଆଠାରେ ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବ୍ୟାଡ୍‌ମିଣ୍ଟନ କୋର୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଭି.କିର୍ତ୍ତୀଭାସନ ଉପସ୍ଥିତ ଥିଲେ। କେସି ହାଇସ୍କୁଲ ପଡ଼ିଆରେ ନିର୍ମିତ ହେବାକୁ ଥିବା ଏହି ଡ଼ବଲ ବ୍ୟାଡ୍‌ମିଣ୍ଟନ କୋର୍ଟ ନିମନ୍ତେ ବର୍ତ୍ତମାନ ୩୭ ଲକ୍ଷ ୪୦ହଜାର ଟଙ୍କା ମଞ୍ଜୁର ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ଲୋକାର୍ପିତ ହେବା ନେଇ ମହାନଗର ନିଗମ ନିର୍ବାହ ଯନ୍ତ୍ରୀ ଇଂ. ବସନ୍ତ ପାଢ଼ୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ,କନିଷ୍ଠ ଯନ୍ତ୍ରୀ ଇ. ସୁଚିସ୍ମିତା ପୁହାଣ, ସନ୍ତୋଷ ସାହୁ, ମହାନଗର ବ୍ୟାଡ୍‌ମିଣ୍ଟନ ସଂଘ ସଦସ୍ୟ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଆରଟିଓ ସ୍ଥାୟୀ ଶାଖା ପ୍ରତିଷ୍ଠା ଦାବି

ବ୍ରହ୍ମପୁର ଅଫିସ,୧୪

ଗଞ୍ଜାମ ଜିଲାର ବଡ଼ ସହର ବ୍ରହ୍ମପୁରରେ ହଜାର ହଜାର ଦୁଇ ଓ ୪ ଚକିଆ ଗାଡ଼ି ରହିଛି। ଏହା ସହ ବ୍ରହ୍ମପୁର ସବଡିଭିଜନ ଅନ୍ତର୍ଗତ ବିଭିନ୍ନ ବ୍ଲକ ଏବଂ ଏନ୍‌ଏସିରେ ମଧ ଅସଂଖ୍ୟ ଯାନବାହନ ଅଛି। ଜିଲା ସଦର ମହକୁମା ଛତ୍ରପୁରରେ ଆଞ୍ଚଳିକ ପରିବହନ (ଆରଟିଓ) ଅଫିସ ଥିବାରୁ ଗାଡ଼ିଗୁଡ଼ିକର କାଗଜପତ୍ର ନବୀକରଣ ଏବଂ ଡ୍ରାଇଭିଂ ଲାଇସେନ୍ସ ଆଦି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଛତ୍ରପୁର ଯିବାକୁ ପଡୁଛି। ତେଣୁ ବ୍ରହ୍ମପୁରରେ ଆରଟିଓ ସ୍ଥାୟୀ ଶାଖା ଖୋଲାଯିବାକୁ ଦୀର୍ଘ ବର୍ଷରୁ ଦାବି ହୋଇଥିଲେ ମଧ ପୂରଣ ଦିଗରେ ସରକାରୀ ଅବହେଳା ଅବ୍ୟାହତ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

କିଛି ବର୍ଷ ପୂର୍ବେ ଭଞ୍ଜନଗରଠାରେ ଆଞ୍ଚଳିକ ପରିବହନ ସଂସ୍ଥାର ଶାଖା କାର୍ଯ୍ୟାଳୟ ଖୋଲାଯାଇଥିବାରୁ ସେହି ସବ୍‌ଡିଭିଜନ ଅନ୍ତର୍ଗତ ସୋରଡ଼ା, ଆସିକା ଓ ଅନ୍ୟ ଅଞ୍ଚଳବାସୀ ଉପକୃତ ହେଉଛନ୍ତି। ତେଣୁ ବ୍ରହ୍ମପୁରରେ ସ୍ଥାୟୀ ଶାଖା ତୁରନ୍ତ ଖୋଲାଯିବାକୁ ଗୁରୁତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ଲୋକଙ୍କ ଦାବି ହେବାରୁ ଗତ ୭/୮ ବର୍ଷ ତଳେ ମହାନଗରରେ କ୍ୟାମ୍ପ ଅଫିସ ଖୋଲା ଯାଇଥିଲା। ତାହା ମଧ ବନ୍ଦ ହୋଇଯାଇଛି। ତେଣୁ ଲୋକେ ଛତ୍ରପୁର ଦୌଡ଼ିବାକୁ ବାଧ ହେଉଛନ୍ତି।

ମାର୍ଚ୍ଚ ୨୦ରେ ବ୍ରହ୍ମପୁରରେ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ଆରଟିଓ ସ୍ଥାୟୀ ଶାଖା ଅଫିସ ଖୋଲାଯିବାକୁ ଦାବି କରାଯାଇଛି। ତ୍ୱରିତ ପଦକ୍ଷେପ ନିଆନଗଲେ ପ୍ରତିବାଦରେ ଆନ୍ଦୋଳନ ସୂତ୍ରପାତ କରାଯିବାର ଚେତାବନୀ ଦିଆଯାଇଛି। କଂଗ୍ରେସ ଶ୍ରମିକ ସଂଗଠନ ଆଇଏନଟିୟୁସି ମଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲାଯିବାକୁ ଗୁରୁତ୍ୱ ଦେଇଛି।

# ଉତ୍କଳ ସମ୍ମିଳନୀରୁ ଓଡ଼ିଶା ଦିବସ

ବ୍ରହ୍ମପୁର ଅଫିସ,୧୪

ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଗୁରୁବାର ୮୬ ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ପୂର୍ବାହ୍ନରେ ସହରର ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ସୁବ୍ରତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରୁପାକ୍ଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୀମା ସୁରକ୍ଷା ଓ ଭାଷା ସୁରକ୍ଷା ପାଇଁ ରାଜ୍ୟ ସରକାର ଓ ରାଜନେତାଙ୍କ ସମେତ ଜନସାଧାରଣଙ୍କ ମଧ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ସଂଘ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନକୁଳ ସାହୁ, କୋଷାଧକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ ସୂର୍ଯ୍ୟକାନ୍ତ ସାହୁ, ନୃସିଂହ ପ୍ରସାଦ ପଣ୍ଡା, ସୁଦର୍ଶନ ବିଶୋୟୀ ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥି।

# ଆଇଟିଆଇ ପକ୍ଷରୁ ବୃହତ୍ତମ ଓଡ଼ିଶା ମାନଚିତ୍ର ଉନ୍ମୋଚିତ

ବ୍ରହ୍ମପୁର ଅଫିସ,୧୪

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଓଡ଼ିଶା ଦିବସ ଉପଲକ୍ଷେ ସ୍କ୍ରାପ୍ ଦ୍ୱାରା ନିର୍ମାଣ କରାଯାଇଥିବା ବୃହତ୍ତମ ଓଡ଼ିଶା ମାନଚିତ୍ରକୁ ଗୁରୁବାର ଉନ୍ମୋଚନ କରାଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଉନ୍ମୋଚନ କରିଥିଲେ। ଆଇଟିଆଇ ଶିକ୍ଷାନୁଷ୍ଠାନ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ବିଧାୟକ କହିଥିଲେ। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି ଏମ୍‌ପି ପ୍ରକାଶ କରିଛନ୍ତି। ଏହି ମାନଚିତ୍ରର ଉଚ୍ଚତା ୩୦ ଫୁଟ ରହିଥିବା ବେଳେ ଓସାର ୨୪ଫୁଟ ରହିଛି । ଏହା ଅଟୋ ମୋବାଇଲ ସ୍କ୍ରାପ୍ ଓ ଭଙ୍ଗା ଲୁହା ରଡ୍ ଦ୍ୱାରା ନିର୍ମିତ ହୋଇଛି।



ଓଡ଼ିଶା ମାନଚିତ୍ର ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ଏଥିରେ ଶିକ୍ଷାନୁଷ୍ଠାନର ଫିଟର, ୱେଲଡ଼ର, ପେଣ୍ଟର ଓ ଇଲେକ୍ଟ୍ରିସିଆନ ଛାତ୍ରୀଛାତ୍ରମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବାକୁ ୧୫ରୁ ୨୯ ଦିନ ସମୟ ଲାଗିଥିବା ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟ ଓଡ଼ିଶାକୁ ଦକ୍ଷତା ପ୍ରତିପାଦନ କ୍ଷେତ୍ରରେ ସହାୟକ ହେବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଭର୍ତ୍ତି କାର୍ ଦୁର୍ଘଟଣାଗ୍ରସ୍ତ

ଗଞ୍ଜାମ, (ଡି.ଏନ୍ଏ): ଗଞ୍ଜାମ ଥାନା ଶନି ମନ୍ଦିର ନିକଟ ଜାତୀୟ ରାଜପଥରେ ଗୁରୁବାର ରାତି ପ୍ରାୟ ୯ଟାରେ ଗଞ୍ଜେଇ ନେଇଯାଉଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ କାର ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତି ଦୌଡ଼ି ପଳାଇଛନ୍ତି । ଖବରପାଇ ଗଞ୍ଜାମ ଥାନା ଆଇଆଇସି ଦିଲୀପ କୁମାର ସାହୁ, ଏସଆଇ ଅଜିତ କୁମାର ପରିଡା, ତ୍ରିନାଥ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରରେ ୪ ବସ୍ତାରୁ ଉର୍ଦ୍ଧ୍ୱ ଗଞ୍ଜେଇ ଥିବା ଦେଖିଥିଲେ । କାରଟି ବ୍ରହ୍ମପୁରରୁ ଆସୁଥିବା ବେଳେ ଶନିମନ୍ଦିର ଛକ ଠାରେ ଏକ ଟ୍ରକକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

# ସାନଖେମୁଣ୍ଡି ରାଜପ୍ରାସାଦ ଅବହେଳିତ


ଭଗ୍ନ ଅବସ୍ଥାରେ ଥିବା ରାଜବାଟି ।

ଗଞ୍ଜାମ ଜିଲା ଖେମୁଣ୍ଡି ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ, ପ୍ରାୟ ୩୫୦ ବର୍ଷ ପୂର୍ବେ ତତ୍କାଳୀନ ଖେମୁଣ୍ଡି ରାଜ୍ୟ ରାଜଧାନୀ ଥିଲା ଅବିଭକ୍ତ ଆନ୍ଧ୍ରପ୍ରଦେଶର ମୁଖଲିଙ୍ଗମ ନିକଟ କଳିଙ୍ଗ ନଗର । ଖେମୁଣ୍ଡି ରାଜବଂଶ କହିଲେ ସାଧାରଣତଃ ବଡ଼ଖେମୁଣ୍ଡି, ସାନଖେମୁଣ୍ଡି ଓ ପାରଳାଖେମୁଣ୍ଡିକୁ ବୁଝାଏ ।

ବିଭିନ୍ନ ଐତିହାସିକ ଓ ଗବେଷକମାନଙ୍କ ପ୍ରଦତ୍ତ ତଥ୍ୟାବଳୀର ଆଲୋଚନା କଲେ ଜଣାଯାଏ, ଖେମୁଣ୍ଡି ରାଜ୍ୟର ଐତିହ୍ୟ ଅତି ପ୍ରାଚୀନ । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଗଙ୍ଗବଂଶର କେତେକ ରାଜା ମହାରାଜା ମହେନ୍ଦ୍ରଗିରି ପର୍ବତମାଳାର ଉତ୍ତର-ପୂର୍ବ ଦିଗରେ ଥିବା ଅଞ୍ଚଳକୁ ଶ୍ୱେତକଧି ରାଜ୍ୟ ବୋଲି ଘୋଷଣା କରି ଶାସନ କରୁଥିଲେ ।

ଏହି ରାଜ୍ୟର ଶ୍ୱେତକ ମଣ୍ଡଳ ମଧ୍ୟରେ ବର୍ତ୍ତମାନର ବଡ଼ଖେମୁଣ୍ଡି (ଦିଗପହଣ୍ଡି), ଚିକିଟି ଓ ସାନଖେମୁଣ୍ଡି ଅନ୍ତର୍ଭୁକ୍ତ ଥିଲା । ଏହି ଅଞ୍ଚଳରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଏହି ରାଜାମାନେ ରାଜାଧିରାଜ, ମହାରାଜାଧିରାଜ ଏବଂ ପରମ ଭଟ୍ଟାରକ ପ୍ରଭୃତି ଉପାଧି ପାଇଥିଲେ ।

ଐତିହାସିକ ଯୁଗରେ ଯେଉଁ ଅଞ୍ଚଳ ମୂଳ କଳିଙ୍ଗ ନାମରେ ପରିଚିତ ଥିଲା ପ୍ରାୟ ନବମ ଶତାବ୍ଦୀ ବେଳକୁ ସେହି ଅଞ୍ଚଳ ଖେମୁଣ୍ଡି ମଣ୍ଡଳ ନାମ ବହନ କଲା । ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ କଳିଙ୍ଗ ସାମ୍ରାଜ୍ୟର ରାଜନୈତିକ ଓ ସାମରିକ ସଂଗଠନ ଦୁର୍ବଳ ହୋଇଯାଇଥିଲା । ଏହି ସୁଯୋଗରେ ସୁଦୂର ମହୀଶୂର ଅଞ୍ଚଳରୁ ଚନ୍ଦ୍ରବଂଶୀ କ୍ଷତ୍ରିୟମାନେ କଳିଙ୍ଗରେ କ୍ଷମତା ବିସ୍ତାର କଲେ । ଏହି କ୍ଷତ୍ରିୟମାନଙ୍କ ଅନ୍ୟ ନାମ ଗଙ୍ଗବଂଶ । କଳିଙ୍ଗର ପୂର୍ବ ରାଜଧାନୀ ତଥା ଦକ୍ଷିଣର ବଂଶଧାରା ନଦୀ କୂଳସ୍ଥ ମୁଖଲିଙ୍ଗ ନିକଟ କଳିଙ୍ଗ ନଗର ଥିଲା ଏହି ଗଙ୍ଗବଂଶୀୟ ରାଜାମାନଙ୍କ ରାଜଧାନୀ ।

ଖେମୁଣ୍ଡି ମଣ୍ଡଳରେ ଗଙ୍ଗମାନେ ଶାସନ କରିବାର କେତେଶହ ବର୍ଷ ପରେ ସେହି ବଂଶରେ ରାଜରାଜ ଦେବ ନାମରେ ଜଣେ ରାଜା ରାଜତ୍ୱ କଲେ । ଖ୍ରୀ ୧୦୭୭ରେ ରାଜରାଜ ଦେବ ସ୍ୱର୍ଗାରୋହଣ କରିବା ବେଳକୁ ତାଙ୍କର ଅନନ୍ତବର୍ମା ଏବଂ ପରମର୍ଦ୍ଦି ନାମରେ ଦୁଇ ଶିଶୁପୁତ୍ର ଥିଲେ । ସମୟକ୍ରମେ ଅନନ୍ତବର୍ମା କଳିଙ୍ଗ ନାମାନ୍ତର ଖେମୁଣ୍ଡିରେ ରାଜତ୍ୱ କରି ଗଜପତି ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ ନାମରେ ପରିଚିତ ହେଲେ ।

ସେତବେଳକୁ ଓଡ଼ିଶା ବୋଲି କୌଣସି ଭୂଭାଗ ନ ଥିଲା । କଳିଙ୍ଗର ପୂର୍ବରେ କଙ୍ଗୋଦ, ଉତ୍କଳ, କୋଶଳ ଓ ଉଡ୍ର ଆଦି ରାଜ୍ୟ ଥିଲା । ରାଜା ଅନନ୍ତବର୍ମା ଓ ତାଙ୍କ ସାନଭାଇ ପରମର୍ଦ୍ଦି ପ୍ରବଳ ପରାକ୍ରମୀ ସାଜି ସମଗ୍ର କଙ୍ଗୋଦ, ଉତ୍କଳ, କୋଶଳ ଓ ଉଡ୍ର ଆଦି ଅଞ୍ଚଳ ଜୟ କଲେ । ଫଳରେ ଗୋଟିଏ ଭାଷା ସଂସ୍କୃତି ଧର୍ମଧାରା ଅନୁବର୍ତ୍ତୀ ଏକ ବିଶାଳ ଅଞ୍ଚଳ ଏକ ଶାସନାଧୀନ ହେଲା । ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ ଏବଂ ତାଙ୍କ ସାନଭାଇ ପରମର୍ଦ୍ଦି ଦେବ ଗୋଦାବରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ଅଞ୍ଚଳ ଶାସନାଧୀନ କଲେ । ଶାସନ ସୁପରିଚାଳନା ପାଇଁ ଦକ୍ଷିଣର ବଂଶଧାରା କୂଳସ୍ଥ କଳିଙ୍ଗ ନଗରରୁ ରାଜଧାନୀ ଉଠାଇ ନେଇ ମହାନଦୀ କୂଳସ୍ଥ କଟକଠାରେ ରାଜଧାନୀ ପ୍ରତିଷ୍ଠା କରି ପୁରୀ ଠାରେ ଶ୍ରୀମନ୍ଦିର ପ୍ରତିଷ୍ଠା କଲେ ।


ପୋଡାମାରି ରାଜବାଟି

କନିଷ୍ଠ ଭ୍ରାତା ପରମର୍ଦ୍ଦି ଦେବ ପୂର୍ବ ବଡ଼ ପୈତୃକ ରାଜଧାନୀ କଳିଙ୍ଗ ନଗରରେ ନିବାସ କରି କଳିଙ୍ଗ ଖେମୁଣ୍ଡି ମଣ୍ଡଳକୁ ଶାସନ କଲେ ।

ପରମର୍ଦ୍ଦିଦେବଙ୍କ ପରବର୍ତ୍ତୀ ବଂଶଧରମାନେ ଖେମୁଣ୍ଡି ଗଜପତି ଓ ଅନନ୍ତ ବର୍ମା ଚୋଡ଼ ଗଙ୍ଗଦେବଙ୍କ ବଂଶଧରମାନେ ଓଡ଼ିଶା ଗଜପତି ରୂପେ ପରିଚିତ ହେଲେ । ସମଗ୍ର ଖେମୁଣ୍ଡି ମଣ୍ଡଳ ଏକ ସୁବିଶାଳ ବିସ୍ତୃତ ଅଞ୍ଚଳ ଥିଲା । ଖ୍ରୀ ୧୫୭୦ ବେଳେ ଖେମୁଣ୍ଡି ଗଜପତି ବଂଶର ଜଣେ ରାଜା ଶିବଲିଙ୍ଗଭାନୁ ଦେବ ପାରଳାଖେମୁଣ୍ଡି ନାମକ ରାଜ୍ୟ ପ୍ରତିଷ୍ଠା କରି ରାଜତ୍ୱ କଲେ । ଶିବଲିଙ୍ଗଭାନୁ ଗଜପତିଙ୍କ ସାନଭାଇ ରାମଚନ୍ଦ୍ର ଅନଙ୍ଗଭୀମ କେଶରୀ କଳିଙ୍ଗ ଖେମୁଣ୍ଡିର ଅବଶିଷ୍ଟ ଅଞ୍ଚଳରେ ରାଜତ୍ୱ କଲେ । ଖେମୁଣ୍ଡି ଗଜପତି ଶ୍ରୀରାମଚନ୍ଦ୍ର ଅନଙ୍ଗଭୀମ କେଶରୀଙ୍କ ଆଠ ପୁରୁଷ ଅନ୍ତେ ଦିଗପହଣ୍ଡି ନିକଟ ବିଜୟ ନଗରଗଡ଼ଠାରେ ଖେମୁଣ୍ଡି ରାଜଧାନୀ ପ୍ରତିଷ୍ଠା ହୋଇଥିଲା । ଏହି ସମୟରେ ଅର୍ଥାତ୍ ୧୭୬୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଖେମୁଣ୍ଡିର ବିଜୟନଗର ରାଜଧାନୀ ଉପରେ ଆକ୍ରମଣ କଲା । ସେତେବେଳକୁ ଗଜପତି ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ନାମକ ଜଣେ ପ୍ରବଳ ପ୍ରତାପୀ ରାଜା ଖେମୁଣ୍ଡିରେ ରାଜତ୍ୱ କରୁଥିଲେ । ଦୀର୍ଘ ୧୩ ବର୍ଷ ଧରି ଖେମୁଣ୍ଡି ସେନା ଏବଂ ବ୍ରିଟିଶ ସେନାଙ୍କ ମଧ୍ୟରେ ଯୁଦ୍ଧ ହେଲା । ବୃଦ୍ଧାବସ୍ଥା ଯୋଗୁ ୧୭୭୬ ଖ୍ରୀଷ୍ଟାବ୍ଦରେ ରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ ଯୋଗୁ ୧୭୮୦ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ କମ୍ପାନୀର ଭେଦନୀତିରେ ବିଶାଳ ଖେମୁଣ୍ଡି ଦୁଇଭାଗ ହେଲା । ଗଜପତି ପୁରୁଷୋତ୍ତମ ଦେବଙ୍କ ଜ୍ୟେଷ୍ଠପୁତ୍ର ପଦ୍ମନାଭ ମଣିଦେବ ଯେଉଁ ଅଞ୍ଚଳ ପ୍ରାପ୍ତ ହେଲେ ସେହି ଭୂଖଣ୍ଡର ନାମ ବଡ଼ଖେମୁଣ୍ଡି ଏବଂ ଏହି ଅଞ୍ଚଳର ରାଜଧାନୀ ହେଲା ବିଜୟନଗରଗଡ଼ । କନିଷ୍ଠ ପୁତ୍ର ଗଜପତି ଜଗନ୍ନାଥ ଦେବ ଯେଉଁ ଅଞ୍ଚଳରେ ରାଜତ୍ୱ କଲେ ସେହି ଅଞ୍ଚଳ ସାନଖେମୁଣ୍ଡି ନାମରେ ପରିଚିତ ହେଲା । ନବଗଠିତ ସାନଖେମୁଣ୍ଡିର ରାଜଧାନୀର ନାମ ହେଲା ପ୍ରତାପଗିରି । କ୍ରମେ ଇତିହାସ ପୃଷ୍ଠାରେ ପାରଳାଖେମୁଣ୍ଡି, ବଡ଼ଖେମୁଣ୍ଡି ଏବଂ ସାନଖେମୁଣ୍ଡି ନାମରେ ତିନି ରାଜ୍ୟ ବା ଜମିଦାରି ପ୍ରତିଷ୍ଠା ହେଲା ।

ସାନଖେମୁଣ୍ଡି ୧୭୮୦ ମସିହାରେ ନୂତନରେ ସାନଖେମୁଣ୍ଡି ନାମକ ରାଜ୍ୟ ବା ଜମିଦାରି ପ୍ରତିଷ୍ଠା ହେବା ପରେ ରାଜା ଗଜପତି ଜଗନ୍ନାଥ ଦେବ ଏହାର ପ୍ରଥମ ରାଜା ରୂପେ ରାଜତ୍ୱ କଲେ । ଏହି ଅଞ୍ଚଳର ଆୟତନ ଥିଲା ୨୧୫୫ ବର୍ଗ ମାଇଲ । ପ୍ରଥମେ ପ୍ରତାପଗିରି ଏବଂ ପରେ ପୋଡ଼ାମାରି ହେଲା ଏହାର ରାଜଧାନୀ ।

୧୭୮୦ ଖ୍ରୀଷ୍ଟାବ୍ଦରେ ସ୍ୱତନ୍ତ ସାନଖେମୁଣ୍ଡି ଜମିଦାରି ସୃଷ୍ଟି ହେବା ପରେ ଏଠାକାର ରାଜା ରୂପେ ନିମ୍ନକ୍ରମେ ରାଜନ୍ୟ ଗଣ ରାଜତ୍ୱ କରିଥିଲେ ।

୧.ଗଜପତି ଜଗନ୍ନାଥ ଦେବ : ୧୭୮୦-୧୮୦୪
୨. ଚନ୍ଦ୍ରମଣି ଦେବ : ୧୮୦୪-୧୮୩୫
୩. ଆଦିକନ୍ଦ ଦେବ : ୧୮୩୫-୧୮୭୬
୪. କୋର୍ଟ ଅଫ ୱାର୍ଡସ୍ : ୧୭୭୬-୧୮୯୦
୫. ବ୍ରଜ କିଶୋର ଦେବ : ୧୮୯୦-୧୯୦୬
୬. ପୁରୁଷୋତ୍ତମ ଦେବ : ୧୯୦୬-୧୯୧୫
୭. କୁଞ୍ଜବିହାରୀ ଦେବ : ୧୯୧୫-୧୯୨୬
୮. ରାଣୀ ସୁଶୀଳା ମାଳା : ୧୯୨୬-୧୯୩୨
୯. ନନ୍ଦକିଶୋର ଦେବ : ୧୯୩୨-୧୯୪୦
୧୦. ଉଦୟ ନାରାୟଣ ଦେବ : ୧୯୪୦-ଏଯାବତ୍

ସାନଖେମୁଣ୍ଡି ରାଜଗାଦିର ପରବର୍ତ୍ତୀ ଉତ୍ତରାଧିକାରୀ ଯୁବରାଜ ବୀର କିଶୋର ଦେବ ଏବଂ ତାଙ୍କ ପୁତ୍ର କୁମାର ସାହେବ ରଣଧୀର ଦେବ ।

**ରିପୋର୍ଟ: ଅଶେଷ ନାଥ ମିଶ୍ର**

### ସାନଖେମୁଣ୍ଡି ଜମିଦାରି ସମ୍ପର୍କରେ

ସାନଖେମୁଣ୍ଡି ରାଜା (ଜମିଦାର) ବ୍ରିଟିଶ ସରକାରଙ୍କୁ ୧୯,୧୦୪ ଟଙ୍କା ବାର୍ଷିକ ପେସକସ୍ ପ୍ରଦାନ କରୁଥିବା ପ୍ରମାଣ ରହିଛି ।

ଜମିଦାରି ଇଲାକାକୁ ୨ ଭାଗରେ ବିଭକ୍ତ କରାଯାଇଥିଲା । ସେଥିମଧ୍ୟରୁ ସମତଳ ଅଞ୍ଚଳରେ ୧୮୨ ଗ୍ରାମ (ଜନବସତି) ଥିଲା । ସେଥିମଧ୍ୟରୁ ୧୩୦ ରୟତି, ୫୨ ଇନାମ ଏବଂ ୧୪ ବ୍ରାହ୍ମଣ ଶାସନ ଥିଲା । ଏ ସମସ୍ତ ଗ୍ରାମକୁ ନେଇ ୮୫ ରାଜସ୍ୱ ଅଞ୍ଚଳ ଗଠନ ହୋଇଥିଲା । ମାଳ ଅଞ୍ଚଳ ୧୬ ମୁଠାରେ ବିଭକ୍ତ ହୋଇଥିଲା । ଆଜିକାର ସମଗ୍ର କନ୍ଧମାଳ (ଫୁଲବାଣୀ) ଜିଲା ସାନଖେମୁଣ୍ଡି ରାଜାଙ୍କ ଅଧୀନରେ ଶାସିତ ହେଉଥିଲା । ତାହା ସାନଖେମୁଣ୍ଡି ମାଳ ଅଞ୍ଚଳ ନାଁରେ ପରିଚିତ ଥିଲା । ସେହି ମାଳ ମୁଠା (ଗ୍ରାମ ସମୂହ)ଗୁଡ଼ିକ ହେଲା କମଳଖୋଲ, ସାରଙ୍ଗଗଡ଼, କୁର୍ତ୍ତମଗଡ଼ ମଣ୍ଡିଗଡ଼, ତୁମୁଡ଼ିବନ୍ଧ, କୋଟଗଡ଼, ବୁଡ଼ାଗଡ଼, ମହାସିଙ୍ଗି, କୁଡୁତୁଳି, ବରଗାଁ, ବାଲିଗୁଡ଼ା, ମିରିକିଆ, ପାସଙ୍ଗିଆ, ଗଦାପୁର, ପାଣିଗଣ୍ଡା, ରୁସୁମି ପ୍ରଭୃତି ସାନଖେମୁଣ୍ଡି ଜମିଦାରି ବା ରାଜ ପରିବାରଙ୍କ ନିୟନ୍ତ୍ରଣରେ ରହିଥିଲା ।


ଯୁବରାଜ ବୀର କିଶୋର ଦେବ


ଉଦୟ ନାରାୟଣ ଦେବ


ନନ୍ଦକିଶୋର ଦେବ

## ସଂକ୍ଷେପରେ

### ୩ ବଖରା ଜଳିଗଲା

ବୁଗୁଡ଼ା,୧।୪(ଡି.ଏନ୍.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ହରିଜନ ସାହିରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ସାହିର ତପବ୍ରତ ନାୟକ, ଝୁଲି ନାୟକ ଓ ଖଦାଳ ନାୟକଙ୍କ ପରିବାର ଲୋକେ ଘରେ ତାଲା ପକାଇ କାମ କରିବାକୁ ଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟରୁ ଶର୍ଟସର୍କିଟ୍ ହୋଇ ସେମାନଙ୍କ ଘରେ ନିଆଁ ଲାଗିଯାଇଥିଲା । ବୁଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସରପଞ୍ଚ ଧୋବା ପ୍ରଧାନ ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି । ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ସାହୁ ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଜରି ପାଲ ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେଇଥିଲେ ।

### ବ୍ଲକସ୍ତରୀୟ ସମନ୍ୱୟ ମେଳା

ଆସିକା,୧।୪(ଡି.ଏନ୍.ଏ.)- ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା । ଓରମାସ ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଏହି ମେଳାରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ଅଧକ୍ଷତା କରିଥିଲେ । ଆସିକା ଏମ୍ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଏବଂ ସମିତି ସଭ୍ୟ ସୁରେଶ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓରମାସର ଡେପୁଟି ସିଓଓ ଜ୍ୟୋତିପ୍ରକାଶ ମହାନ୍ତି, ଜିଲା ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଯୋଗଦେଇଥିବା ବେଳେ ଜୀବିକା ମିଶନର ବ୍ଲକ ସଂଯୋଜିକା ଅନିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ମେଳାରେ ରାଜ୍ୟର ୨୦ଟି କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ୧୮ ବର୍ଷ ଠାରୁ ୩୫ ବର୍ଷ ବୟସ ମଧ୍ୟରେ ଏବଂ ୫ମ ଶ୍ରେଣୀ ଠାରୁ ଅଧିକ ଯୋଗ୍ୟତାସମ୍ପନ୍ନ ୨୯୦ଜଣ ପ୍ରାର୍ଥୀ କର୍ମ ସଂସ୍ଥାନ ଲାଗି ଆବେଦନ କରିଥିଲେ । ସେଥିରୁ ୧୯୦ ଜଣ ବିଭିନ୍ନ କମ୍ପାନୀରେ ପ୍ରଶିକ୍ଷଣ ଲାଗି ଚିହ୍ନଟ ହୋଇଥିବା ବ୍ଲକ ସଂଯୋଜିକା ମହାରଣା କହିଛନ୍ତି ।

## କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ

**ପାରଳାଖେମୁଣ୍ଡି,୧।୪(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରାଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଗୁରୁବାର ଜିଲାସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଜିଲାପାଳ ଅନୁପମ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଜପତି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା, ଉପାଧ୍ୟକ୍ଷ ଜିଲା ପରିଷଦ ବିଜୟ କୁମାର ରାଉତ ସମ୍ମାନୀତ ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଅମୀୟ କୁମାର ପରିଛା ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଥିଲେ ।



ଆୟୋଜିତ ସମାରୋହରେ ଉପସ୍ଥିତ ଅତିଥିମାନେ ।

## ଗଜପତି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

**ପାରଳାଖେମୁଣ୍ଡି,୧।୪(ଡି.ଏନ.ଏ.)**

ପାରଳାଖେମୁଣ୍ଡି ନିକଟ ବେତାଗୁଡାସ୍ଥିତ ପୋଲିସ ରିଜର୍ଭ ପଡିଆରେ ଗଜପତି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏସ୍‌ପି ତପନ କୁମାର ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ସେ ତାଙ୍କ ବକ୍ତବ୍ୟରେ ପୋଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଆସୁଛି ବୋଲି କହିଥିଲେ । ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ । ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ କରୋନା ଯୋଦ୍ଧାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନାଗା ଏବଂ ସର୍ଜେଣ୍ଟ ଏମ ଲକ୍ଷ୍ମୀ ରଞ୍ଜନ ପ୍ୟାରେଡ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଓଏସଏପି କମାଣ୍ଡାଣ୍ଟ ଜୁରିଆ ବେହେରା, ଡେପୁଟି କମାଣ୍ଡାଣ୍ଟ ପି କିଶୋର କୁମାର ସୁବୁଦ୍ଧି, ଡିଏସପି ରାମକୃଷ୍ଣ ପତି, ଡିଆଇବି ଡିଏସପି ଏଲବିଏସ ଆଚାରୀ ପ୍ରମୁଖଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଯୋଗ ଦେଇଥିଲେ ।


ପୋଲିସ ଦିବସରେ ଅନୁଷ୍ଠିତ ପ୍ୟାରେଡ ।

## ୨ ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ

**ଶେରଗଡ଼,୧।୪(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ବିଇଓ କାର୍ଯ୍ୟାଳୟରେ ବୁଧବାର କିରାଣି ଅମୂଲ୍ୟ କୁମାର ପାଢ଼ୀ, ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାତ୍ର, ବରମୁଣ୍ଡଳୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସେଠୀ ଅବସର ନେଇଛନ୍ତି । ସେମାନଙ୍କୁ ବିଇଓ ଭାସ୍କର ଲେଙ୍କା, ସହକାରୀ ବିଇଓ ଓ ବରିଷ୍ଠ କିରାଣି ଶଙ୍କର ରାଓଙ୍କ ଉପସ୍ଥିତିରେ ପ୍ରୋଭିଜନାଲ ପେନ୍‌ସନର ଚିଠି ପ୍ରଦାନ କରାଯାଇଛି । ଆୟୋଜିତ ସଭାରେ ତିନିଜଣଙ୍କ ଦୀର୍ଘାୟୁ କାମନା କରାଯାଇଛି । କିରାଣିଙ୍କ ସଂଖ୍ୟା କମି ଯାଇଥିବାରୁ ଉକ୍ତ କାର୍ଯ୍ୟାଳୟରେ ଦୁଇଜଣ କିରାଣି ନିଯୁକ୍ତି କରାଯାଉ ବୋଲି ସାଧାରଣରେ ଦାବି ହେଉଛି । ସେହିପରି ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟ ଓବରମୁଣ୍ଡଳୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ପୂରଣ ପାଇଁ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ୨ ଅଟକ

**ପାତ୍ରପୁର,୧।୪(ଡି.ଏନ୍.ଏ.)**

ଜରଡା ଥାନା ତୁରୁବୁଡି ପଞ୍ଚାୟତ ନୂଆଁଗଡ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି । ମହିଳା ଘରେ ଏକା ଥିବା ଜାଣି ଅଭିଯୁକ୍ତଦ୍ୱୟ ତାଙ୍କ ଘରେ ପଶି ଟଣାଓଟରା କରିଥିଲେ । ମହିଳା ପାଟି କରିବାରୁ ପରିବାର ଓ ପଡୋଶୀ ଆସି ତାଙ୍କୁ ଉଦ୍ଧାର କରିଥିଲେ । ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ନଂ.୭୦/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଜରଡା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି ।

## ନବବଧୂଙ୍କ ମୃତ୍ୟୁ, ସ୍ୱାମୀ ଗିରଫ

**ହିଞ୍ଜିଳିକାଟୁ,୧।୪(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ନରେନ୍ଦ୍ରପୁର ଗ୍ରାମର ଜଣେ ନବବଧୂଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୮ ତାରିଖରେ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଶିବ ପ୍ରସାଦ ପୋଲାଇଙ୍କ ସ୍ତ୍ରୀ ଉମାଦେବୀ ମେହେଣି । ଉମାଙ୍କ ମୃତ୍ୟୁକୁ ନେଇ ବାପଘର ଲୋକଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ ସ୍ୱାମୀ ଶିବଙ୍କୁ ପୋଲିସ ଗିରଫ କରିଛି । ପ୍ରାୟ ୬ ମାସ ତଳେ ଶିବ ଓ ଉମାଙ୍କ ବିବାହ ହୋଇଥିଲା । ତେବେ ଉମା ବିଷ ପିଇ ଦେଇଥିବା ଶ୍ୱଶୁର ଘର ଲୋକେ କହିଥିବା ବେଳେ, ଯୌତୁକ ପାଇଁ ନିର୍ଯାତନା ଦେଇ ଭଉଣୀଙ୍କୁ ମାରି ଦିଆଯାଇଥିବା ଉମାଙ୍କ ଭାଇ ହିଞ୍ଜିଳି ଥାନା ପିତଳ ଗ୍ରାମର ରାମାୟଣ ମେହେଣି ଅଭିଯୋଗ କରିଥିଲେ । ଏ ନେଇ ହିଞ୍ଜିଳି ଥାନାରେ ନଂ.୧୩୩/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି ।

## ଗଞ୍ଜାମ ଜିଲାସ୍ତରୀୟ ଓଡ଼ିଶା ଦିବସ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ଛତ୍ରପୁର,୧।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରରେ ଜିଲା ପ୍ରଶାସନ ଓ ସୂଚନା ଲୋକସମ୍ପର୍କ ବିଭାଗ ତରଫରୁ ୮୬ତମ ଓଡ଼ିଶା ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ସହରରେ ପ୍ରତିଷ୍ଠିତ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲ ପରିସରରେ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନରେ ଓଡିଶାର ବରପୁତ୍ର ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଗଙ୍ଗାଧର ମେହର, ଶଶୀଭୂଷଣ ରଥ ପ୍ରମୁଖଙ୍କ ଉଦ୍ୟମ ଯୋଗୁ ୧୯୩୬ ମସିହା ଆଜିର ଦିନରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଦକ୍ଷିଣାଞ୍ଚଳ ଉଚ୍ଚମାଧ୍ୟମିକ ପରିଷଦ ଉପସଚିବ ଡ.କୁଳମଣି ଓଝା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଅଧକ୍ଷା ସୋନମ ପଲାଇ, ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ,ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ସୂଚନା ଲୋକସଂପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

